# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**25 January – 2026**

## ପ୍ରେଜ୍ - ଆଡ୍ରେସ୍ ଟୁ ନେସନ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୭୭ତମ ଗଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ଆଜି ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେବେ। ଆଜି ସନ୍ଧ୍ୟା ୭ଟାରେ ଆକାଶବାଣୀର ସମସ୍ତ ଜାତୀୟ ନେଟ୍‌ୱାର୍କ ଏବଂ ଦୂରଦର୍ଶନ ଚ୍ୟାନେଲ୍‌ରେ ହିନ୍ଦୀ ଏବଂ ପରେ ପରେ ଇଂରାଜୀ ଭାଷାରେ ଏହା ପ୍ରସାରିତ ହେବ । ଦୂରଦର୍ଶନର ବିଭିନ୍ନ ଆଞ୍ଚଳିକ ଚ୍ୟାନେଲ୍‌ରେ ସ୍ଥାନୀୟ ଭାଷାରେ ଏହାର ପ୍ରସାରଣ କରାଯିବ। ଆକାଶବାଣୀରେ ରାତି ୯ଟା ୩୦ ମିନିଟ୍‌ରେ ଅଭିଭାଷଣର ଅନୁବାଦ ଆଞ୍ଚଳିକ ଭାଷାରେ ପ୍ରସାରିତ ହେବ ।

## ମନ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ମନ୍ କି ବାତ’ର ୧୩୦ ସଂସ୍କରଣ ହେବ। କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ।

ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ

ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରର ପୁନଃ ପ୍ରସାରଣ କରାଯିବ।

## ଇ.ସି.ଆଇ. - ଭୋଟର୍ସ ଡେ

ଷୋଡଶ ଜାତୀୟ ମତଦାତା ଦିବସ ଆଜି ଦେଶବ୍ୟାପୀ ପାଳନ କରାଯାଉଛି । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି "ମୋ ଭାରତ, ମୋ ଭୋଟ୍ : ଭାରତୀୟ ଗଣତନ୍ତ୍ରର କେନ୍ଦ୍ରରେ ନାଗରିକ" । ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଆଜି ନୂଆଦିଲ୍ଲୀରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗଦେବେ। ସମାରୋହରେ ନୂତନ ଭାବେ ଯୋଡ଼ା ହୋଇଥିବା ଯୁବ ଭୋଟର୍‌ଙ୍କୁ ମତଦାତା ଫଟୋ ପରିଚୟ ପତ୍ର ପ୍ରଦାନ କରାଯିବ।

ଭୋଟର ଶିକ୍ଷା ସଚେତନତା ଉପରେ ଉତ୍କୃଷ୍ଟତା ପ୍ରତିପାଦନ କରିଥିବାରୁ ଗତବର୍ଷ ପାଇଁ ନୂଆଦିଲ୍ଲୀ ଆକାଶବାଣୀ ସମ୍ବାଦ ସେବା ବିଭାଗକୁ ବୈଦ୍ୟୁତିକ ଗଣମାଧ୍ୟମ ବର୍ଗରେ ଆଜି ରାଷ୍ଟ୍ରପତି ପୁରସ୍କୃତ କରିବେ । ଯୁବବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଆଜି ଏକ ପଦଯାତ୍ରାର ମଧ୍ୟ ଆୟୋଜନ କରାଯାଇଛି ।

# ରାଜ୍ୟପାଳ-କୃଷି ଓଡ଼ିଶା ସମ୍ମିଳନୀ

କୃଷିକ୍ଷେତ୍ର ଅଧିକ ବ୍ୟାପକ ହେବା ସହ ପ୍ରଯୁକ୍ତିବିଦ୍ୟା, ପ୍ରକ୍ରିୟାକରଣ, ପ୍ୟାକେଜିଂ, ବଜାର ବ୍ୟବସ୍ଥା ଏବଂ ରପ୍ତାନୀ କ୍ଷେତ୍ରରେ ବିପୁଳ ସୁଯୋଗ ରହିଛି ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି । ଭୁବନେଶ୍ୱର ବରମୁଣ୍ଡାସ୍ଥିତ ବିଜୁ ପଟ୍ଟନାୟକ ଖେଳପଡ଼ିଆଠାରେ ଆୟୋଜିତ କୃଷି ଓଡ଼ିଶା-୨୦୨୬ ସମ୍ମିଳନୀର ଉଦ୍‌ଯାପନୀ

ସମାରୋହରେ ଯୋଗଦେଇ ରାଜ୍ୟପାଳ ଅମଳ ପରବର୍ତ୍ତୀ ପରିଚାଳନା, ମୂଲ୍ୟବୃଦ୍ଧି ଏବଂ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ରହିଥିବା ସୁଯୋଗ ଉପରେ ଆଲୋକପାତ କରିଛନ୍ତି । ସମାରୋହରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ ।

## ମୁଖ୍ୟମନ୍ତ୍ରୀ-ସାକ୍ଷାତ୍

ଭୁବନେଶ୍ୱର ଲୋକସେବା ଭବନଠାରେ ନୀତି ଆୟୋଗର ଉପାଧ୍ୟକ୍ଷ ସୁମନ କୁମାର ବେରି ଏବଂ ସଦସ୍ୟ ଡକ୍ଟର ଅରବିନ୍ଦ ବୀରମଣି ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣମାଝୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି । ଏହି ଅବସରରେ ଶ୍ରୀ ମାଝି ରାଜ୍ୟର ଭିତ୍ତିଭୂମି, ଯୋଗାଯୋଗ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଘଟିଥିବା ପରିବର୍ତ୍ତନ ଉପରେ ଆଲୋକପାତ କରିଛନ୍ତି ।

ଶ୍ରୀ ବେରି ଏବଂ ଡକ୍ଟର ବୀରମଣି ଏହାପରେ ମୁଖ୍ୟଶାସନ ସଚିବ ଅନୁଗର୍ଗ ଏବଂ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀଙ୍କ ସହ ଏକ ବୈଠକରେ ଯୋଗଦେଇଥିଲେ । ରାଜ୍ୟର ଆର୍ଥିକ ଓ ସାମଗ୍ରିକ ବିକାଶ, ଶିଳ୍ପ ଏବଂ ନିବେଶ ପ୍ରୋତ୍ସାହନ, ବ୍ୟବସାୟ ସହଜତା ଆଦି ବିଭିନ୍ନ ପ୍ରସଙ୍ଗ ନେଇ ବୈଠକରେ ମତ ବିନିମୟ ହୋଇଥିବା ଜଣାଯାଇଛି ।

## ଧର୍ମେନ୍ଦ୍ର ପ୍ରଧାନ-ପୁସ୍ତକ ମେଳା

ପୁସ୍ତକ ପଠନ ପାଠକଙ୍କୁ ନୂଆ ବିଚାର ଏବଂ ମାର୍ଗଦର୍ଶନ କରିଥାଏ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ସମ୍ବଲପୁର କିଟ୍ ପଡିଆଠାରେ ଆୟୋଜିତ ଗତକାଲିଠାରୁ ଆରମ୍ଭ ହୋଇଥିବା

ପୁସ୍ତକମେଳାର ଶୁଭାରମ୍ଭ କରି ଶ୍ରୀ ପ୍ରଧାନ କୁଦେଇପାଲିର ଇତିହାସ ସମ୍ପର୍କିତ ପୁସ୍ତକକୁ ବିଭିନ୍ନ ଭାଷାରେ ଅନୁବାଦ ହେବା ଏକ ଗୌରବର ବିଷୟ ବୋଲି କହିଛନ୍ତି । ସମ୍ବଲପୁରର ସେତୁ ଓ ଜାତୀୟସ୍ତରୀୟ ଏନ୍.ବି.ଟି ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପୁସ୍ତକମେଳା ୯ ଦିନ ଧରି ଚାଲିବ ।

## ରାଷ୍ଟ୍ରମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ଏଲ୍.ମୁରୁଗନ ଆଜି ସଂଧ୍ୟାରେ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଭୁବନେଶ୍ୱରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡକ୍ଟର ମୁରୁଗନ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

# ଉଚ୍ଚଶିକ୍ଷାମନ୍ତ୍ରୀ-ଉଦ୍‌ଘାଟନ

ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ଅଚଳ ପଞ୍ଚାୟତ ଅଞ୍ଚଳରେ ଗତକାଲି ବିଭିନ୍ନ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇଥିଲେ । ନନ୍ଦପୁର ବଜାରରେ ୧୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ମାଛ ମାର୍କେଟ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ମିଶନ ଶକ୍ତି କୋଠାକୁ ଉଦ୍‌ଘାଟନ କରିଥିଲେ । ପରେ ବୀଣାପାଣି ଯୁବ ପରିଷଦର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଶ୍ରୀ ସୂରଜ ଯୋଗଦେଇଥିଲେ ।

## ମାଘସପ୍ତମୀ ବୁଡ଼

ମାଘସପ୍ତମୀ ଅବସରରେ କୋଣାର୍କ ଚନ୍ଦ୍ରଭାଗାଠାରେ ଆଜି ଶ୍ରଦ୍ଧାଳୁ ପବିତ୍ର ବୁଡ଼ ପକାଉଛନ୍ତି। ଶୃଙ୍ଖଳିତ ସ୍ନାନ ଓ ଭିଡ଼ ନିୟନ୍ତ୍ରଣ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଭୁବନେଶ୍ୱର ଖଣ୍ଡଗିରି ମେଳା ଆଜିଠାରୁ ଆରମ୍ଭ ହେଉଛି।

# ଜନଜାଗରଣ କାର୍ଯ୍ୟକ୍ରମ

ମାଲକାନଗିରି ଜିଲ୍ଲା ଶିଖାପାଲିଠାରେ ଏକ ଜନଜାଗରଣ କାର୍ଯ୍ୟକ୍ରମ ଗତକାଲି ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଯୋଗଦେଇ ବିଧାୟକ ନରସିଂହ ମାଡକାମି ଭିବି ଜୀ ରାମ୍ ଜୀ ଯୋଜନା ସମେତ ବିଭିନ୍ନ କଲ୍ୟାଣକାରୀ ପଦକ୍ଷେପ ଉପରେ ଲୋକଙ୍କୁ ଅବଗତ କରାଇଛନ୍ତି ।

# ବେଳାଭୂମି ମହୋତ୍ସବ

ଗୋପାଳପୁର ବେଳାଭୂମି ମହୋତ୍ସବ ପାଳନ ଅବସରରେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । 'ସ୍ୱଚ୍ଛ ବେଳାଭୂମି- ସୁନ୍ଦର ଓଡ଼ିଶା' ବାର୍ତ୍ତା ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୧୪ଟି ସ୍ଥାନରେ ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାପାଳ ଭି.କୀର୍ତ୍ତିଭାସନ ଏବଂ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ସହ ସମାଜର ବିଭିନ୍ନ ବର୍ଗର ଲୋକ ଅଂଶଗ୍ରହଣ କରିଥିଲେ ।